# ଆଜି ଅନୁଗୋଳରୁ ୨୫ ଜଣ କରୋନା ପଜିଟିଭ ଚିହ୍ନଟ ।

## ପଜିଟିଭ ସଂଖ୍ୟା ପହଞ୍ଚିଲା ୧୮୯ ରେ ।

ଅନୁଗୋଳ,୧୯.୦୭ :- ଆଜି ଅନୁଗୋଳ ଜିଲ୍ଲାରୁ ସର୍ବାଧିକ ୨୫ ଜଣ କରୋନା ପଜିଟିଭ ଗୋଟିଏ ଦିନରେ ଚିହ୍ନଟ ହୋଇଛନ୍ତି । ସେମାନଂକ ମଧ୍ୟରେ ତାଳଚେର ପୌରାଞ୍ଚଳରୁ ୧୨ ଜଣ,ତାଳଚେର ବ୍ଲକ୍ ଅଞ୍ଚଳରୁ ୮ ଜଣ, ଅନୁଗୋଳ ପୌରାଞ୍ଚଳରୁ ୩ ଜଣ,ବଣ୍ଟାରପାଳ ବ୍ଲକ୍‌ର ଶିଳ୍ପ ସଂସ୍ଥା ଅଂଚଳରୁ ଜଣେ ଓ ଛେଣ୍ଡିପଦା ବ୍ଲକ୍ ଅଂଚଳରୁ ଜଣେ ଚିହ୍ନଟ ହୋଇଛନ୍ତି । ତାଳଚେର ପୌରାଞ୍ଚଳର ୧୨ ଜଣ ପଜିଟିଭଙ୍କ ମଧ୍ୟରୁ ଜଣେ ୨୨ ବର୍ଷୀୟ ଗଞ୍ଜାମ ଫେରନ୍ତା ପୁରୁଷ ଏବଂ ତାଂକ ସମ୍ପର୍କରେ ଆସିଥିବା ତାଂକର ସମ୍ପର୍କୀୟ ଗୋଟିଏ ପରିବାରର ୪ ଜଣ ସଦସ୍ୟ ଅଟନ୍ତି । ଏହି ୪ ଜଣ ସଦସ୍ୟଂକ ମଧ୍ୟରେ ୨ ଜଣ ପୁରୁଷ ଯାହାଂକ ବୟସ ୬୨ ଓ ୩୪ ବର୍ଷ ବୟସ ହୋଇଥିବା ବେଳେ ୨ ଜଣ ମହିଳାଂକର ବୟସ ୫୨ ଓ ୨୫ ବର୍ଷ ବୟସ ଅଟେ ଏବଂ ସେମାନେ ସମସ୍ତେ ପୌରାଂଚଳର ଏକ ଅସ୍ଥାୟୀ ମେଡିକାଲ ଶିବିରରେ ସଂଗରୋଧରେ ଥିଲେ । ସେହିପରି ଏହି ପୌରାଞ୍ଚଳର ଜଣେ ୩୨ ବର୍ଷୀୟ ପାରାଦ୍ୱୀପ ଫେରନ୍ତା ପୁରୁଷ ଓ ଅନ୍ୟ ୪ ଜଣ ପୁରୁଷ ଯାହାଂକ ବୟସ ୩୭,୩୫,୩୧ ଓ ୪୦ ବର୍ଷ ବୟସ ଅଟେ ଏବଂ ସେମାନେ ମଧ୍ୟ ସେହି ଅସ୍ଥାୟୀ ମେଡିକାଲ ଶିବିରରେ ସଂଗରୋଧରେ ଥିଲେ । ଭୁବନେଶ୍ୱରରେ ରହୁଥିବା ତାଳଚେର ପୌରାଂଚଳର ଜଣେ ୨୬ ବର୍ଷୀୟା ମହିଳାଂକର ମଧ୍ୟ ପଜିଟିଭ ବାହାରିଛି । ତାଳଚେର ବ୍ଲକ୍ ଅଂଚଳର ୮ ଜଣ ଆକ୍ରାନ୍ତଂକ ମଧ୍ୟରୁ ୪ଜଣ ପୁରୁଷ ଓ ୪ ଜଣ ମହିଳା ଅଟନ୍ତି । ସେମାନଂକ ମଧ୍ୟରେ ଗୋଟିଏ ପରିବାରର ୩ ଜଣଂକ ମଧ୍ୟରେ ୨ ଜଣ ପୁରୁଷ ଯାହାଂକର ବୟସ ୫୨ ଓ ୨୨ ବର୍ଷ ହୋଇଥିବାବେଳେ ମହିଳା ଜଣଂକର ବୟସ ୪୬ ବର୍ଷ ଯେଉଁମାନେ କି ଗଂଜାମରୁ ଫେରି ହୋମ କ୍ୱାରେଣ୍ଟାଇନ୍‌ରେ ଥିଲେ । ସେହିପରି ହୋମ କ୍ୱାରେଣ୍ଟାଇନ୍‌ରେ ଥିବା ଜଣେ ୬୫ ବର୍ଷୀୟା ମହିଳା ଓ ଜଣେ ୨୪ ବର୍ଷୀୟ ପୁରୁଷ ଅନ୍ୟ ଆକ୍ରାନ୍ତଂକ ସମ୍ପର୍କରେ ଆସି ପଜିଟିଭ ଚିହ୍ନଟ ହୋଇଛନ୍ତି । ଏହାଛଡା ଜଣେ ୩୨ ବର୍ଷୀୟା ମହିଳା ଓ ଅନ୍ୟ ଏକ ପରିବାରର ଜଣେ ୨୬ ବର୍ଷୀୟା ମହିଳା ଓ ଜଣେ ୮ ବର୍ଷର ବାଳକ ବିହାରରୁ ଫେରି ପଜିଟିଭ ଚିହ୍ନଟ ହୋଇଛନ୍ତି । ଅନୁଗୋଳ ପୌରାଂଚଳରୁ ଗୋଟିଏ ପରିବାରର ୩ ଜଣ - ଜଣେ ୩୪ ବର୍ଷୀୟ ପୁରୁଷ, ଜଣେ ୩୦ ବର୍ଷୀୟା ମହିଳା ଓ ୫ ବର୍ଷିୟା ଝିଅ ପଜିଟିଭ ଚିହ୍ନଟ ହୋଇଛନ୍ତି । ବଣ୍ଟାରପାଳ ବ୍ଲକ୍‌ର ଏକ ଶିଳ୍ପ ସଂସ୍ଥା ଅଂଚଳର ଜଣେ ୧୫ ବର୍ଷିୟା ଝିଅ ଅନ୍ୟ ଆକ୍ରାନ୍ତଂକ ସମ୍ପର୍କରେ ଆସି ପଜିଟିଭ ଚିହ୍ନଟ ହୋଇଥିବାବେଳେ

ଛେଣ୍ଡିପଦା ବ୍ଲକ୍ ଅଂଚଳର ଜଣେ ୪୦ ବର୍ଷିୟ୍ ହାଲୁକା ଲକ୍ଷଣଯୁକ୍ତ ପୁରୁଷ ପଜିଟିଭ ଚିହ୍ନଟ ହୋଇଛନ୍ତି । ଆଜି ଏହି ସମସ୍ତ ୨୫ ଜଣ ଆକ୍ରାନ୍ତଂକ ମଧ୍ୟରୁ ୨୪ ଜଣଂକୁ ତାଳଚେର କୋଭିଡ ହସପିଟାଲକୁ ଚିକିତ୍ସା ନିମନ୍ତେ ସ୍ଥାନାନ୍ତର କରାଯାଉଛି ବୋଲି ଜିଲ୍ଲାପାଳ ଶ୍ରୀ ମନୋଜ କୁମାର ମହାନ୍ତି ପ୍ରକାଶ କରିଛନ୍ତି । ଏହି ୨୫ଜଣ ଆକ୍ରାନ୍ତଂକୁ ମିଶାଇ ଜିଲ୍ଲାରେ ବର୍ତ୍ତମାନ କରୋନା ଆକ୍ରାନ୍ତଂକ ସଂଖ୍ୟା ୧୮୯ରେ ପହଂଚିଛି । ଜିଲ୍ଲା ପ୍ରଶାସନ ତରଫରୁ ଯେଉଁ ଅଂଚଳରେ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି ସେ ଅଂଚଳକୁ ବିଶୋଧନ କରାଯିବା ସହ କଣ୍ଟାକ୍ଟ ଟ୍ରେସିଂ ଚାଲୁ ରହିଛି । ଲୋକମାନେ ଆତଂକିତ ନ ହୋଇ ସତର୍କତା ଅବଲମ୍ବନ ପୂର୍ବକ ସାମାଜିକ ଦୂରତା ବଜାୟ୍ ରଖିବା ଓ ମାସ୍କ ପିନ୍ଧି ନିଜେ ସୁରକ୍ଷିତ ରହିବା ଏବଂ ଅନ୍ୟକୁ ସୁରକ୍ଷିତ ରହିବାରେ ସହାୟତା କରିବାକୁ ଜିଲ୍ଲାପାଳ ପରାମର୍ଶ ଦେଇଛନ୍ତି । ପ୍ରକାଶଥାଉକି ସରକାରଂକ ଦ୍ୱାରା ଜିଲ୍ଲାକୁ ୧୫୦ଟି ଆଣ୍ଟିଜେନ୍ କିଟ୍ ଦିଆଯାଇଛି ଯାହାଦ୍ୱାରା ଚଳିତ ମାସ ୧୬ ତାରିଖରୁ ଆଜି ପର୍ଯ୍ୟନ୍ତ ୧୦୪ଟି କିଟ୍ ପରିକ୍ଷା କରାଯାଇଛି । ଆଜି ପରିକ୍ଷା ହୋଇଥିବା ସର୍ବାଧିକ ୪୦ଟି କିଟ୍ ମାଧ୍ୟମରେ ଅନୁଗୋଳ ପୌରାଂଚଳରୁ ୩ ଜଣ ଓ ବଅଁରପାଳ ଶିଳ୍ପାଂଚଳରୁ ଜଣେ ପଜିଟିଭ ଚିହ୍ନଟ ହୋଇଛନ୍ତି ।